# REGIONAL NEWS UNIT, AIR CUTTACK

## Evening Bulletin (6.45PM)

**18 February - 2026**

*********************************

## <u>ମୁଖ୍ୟ ସମ୍ବାଦ</u>

- କୃତ୍ରିମ ବୁଦ୍ଧିମତା ପ୍ରଭାବ ସମ୍ମିଳନୀ ଅବସରରେ 'ୱେଭ୍ସ କ୍ରିଏଟର୍ସ କର୍ନର'କୁ ଉଦ୍‌ଘାଟନ କଲେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ
- ବିଶ୍ୱର କଲ୍ୟାଣ ପାଇଁ ଏକ ନିରାପଦ କୃତ୍ରିମ ବୁଦ୍ଧିମତା ବିକଶିତ କରିବା ଜରୁରୀ ବୋଲି ମତପୋଷଣ କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ
- ଚଳିତ ଖରିଫ ଧାନ ସଂଗ୍ରହ ପାଇଁ ୩୯୪ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଏବଂ ୨ ହଜାର ୭୭୭ ପ୍ୟାକ୍ସ ଓ ଲ୍ୟାମ୍ପ୍ସକୁ ଦିଆଯାଇଛି ଦାୟିତ୍ୱ; ଗୃହରେ ସୂଚନା ଦେଲେ ଯୋଗାଣ ମନ୍ତ୍ରୀ

ଏବଂ

- ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦର ମାଟ୍ରିକ ପରୀକ୍ଷା ଆସନ୍ତାକାଲିଠାରୁ ହେବ ଆରମ୍ଭ

– ଆଜିଠାରୁ ଆରମ୍ଭ ହେଲା ଯୁକ୍ତ ଦୁଇ ପରୀକ୍ଷା

HS

## ଭାରତ କୃତ୍ରିମ ବୁଦ୍ଧିମତା ପ୍ରଭାବ

କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି  ଭାରତ କୃତ୍ରିମ ବୁଦ୍ଧିମତା ପ୍ରଭାବ ସମ୍ମିଳନୀ-୨୦୨୬ ଅବସରରେ 'ୱେଭ୍ସ କ୍ରିଏଟର୍ସ କର୍ନର'କୁ ଉଦ୍‌ଘାଟନ କରିଛନ୍ତି । ପ୍ରଦର୍ଶନୀକୁ ସମ୍ପୂର୍ଣ୍ଣ କ୍ରିୟାଶୀଳ ଏବଂ ବ୍ୟବହାରିକ ନବସୃଜନ କାର୍ଯ୍ୟକ୍ଷେତ୍ର ରୂପେ ପରିକଳ୍ପନା କରାଯାଇଛି । 'ୱେଭ୍ ଏକ୍ସ, ୱେଭ୍ସ ବଜାର' ଏବଂ 'କ୍ରିଏଟ୍ ଇନ୍ ଇଣ୍ଡିଆ' ଭଳି ଚ୍ୟାଲେଞ୍ଜ ମନ୍ତ୍ରଣାଳୟର ପ୍ରମୁଖ ପଦକ୍ଷେପର 'ୱେଭ୍ସ କିଏଟ୍ର୍ସ କର୍ନର' ରଣନୀତିକ ଭାବେ ପ୍ରଚାର ଓ ପ୍ରସାର କରିବ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ବୈଷ୍ଣବ ପାଭିଲିୟନକୁ ବୁଲି ଦେଖିବା ସହ ବିଶ୍ୱସ୍ତରୀୟ ସଂଗଠନର ବରିଷ୍ଠ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ ।

Desk

## ରସ୍ ଶୁଭାରମ୍ଭ

ବିଶ୍ୱର କଲ୍ୟାଣ ପାଇଁ ଏକ ନିରାପଦ କୃତ୍ରିମ ବୁଦ୍ଧିମତା ବିକଶିତ କରିବା ଜରୁରୀ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ନୂଆଦିଲ୍ଲୀଠାରେ ଭାରତ ଏବଂ ଫ୍ରାନ୍ସ ମଧ୍ୟରେ ଉଚ୍ଚସ୍ତରୀୟ ଏକାଡେମୀ ଓ ବୈଜ୍ଞାନିକ ସମ୍ମିଳନୀ 'ରସ୍'ର ଶୁଭାରମ୍ଭ କରି ଶ୍ରୀ ପ୍ରଧାନ କହିଛନ୍ତି, ଉଭୟ ଦେଶର ବିଶିଷ୍ଟ ଶିକ୍ଷାବିତ୍, ଗବେଷକ ଓ ନବସୃଜନକାରୀଙ୍କ ମିଳିତ ସହଯୋଗରେ କୃତ୍ରିମ ବୁଦ୍ଧିମତାକୁ ସର୍ବସାଧାରଣଙ୍କ ନିକଟରେ ପହଁଞ୍ଚାଇବା

ଏବଂ ସଠିକ୍ ଉପଯୋଗର ଆବଶ୍ୟକତା ରହିଛି। ଅତ୍ୟାଧୁନିକ ଗବେଷଣା ଏବଂ ନବସୃଜନ ମାଧ୍ୟମରେ ଦୀର୍ଘକାଳୀନ ସମୃଦ୍ଧି, ସ୍ଥାୟୀ ବିକାଶ ସହ ବିଶ୍ୱ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ଉଭୟ ଦେଶର ପ୍ରାଥମିକତାରେ ରହିଛି। କାର୍ଯ୍ୟକ୍ରମରେ ବିକାଶ ଏବଂ ବିଶ୍ୱର କଲ୍ୟାଣ ପାଇଁ ଏକ ନିରାପଦ, ସୁରକ୍ଷିତ, ନୈତିକ ଏବଂ ବିଶ୍ୱାସଯୋଗ୍ୟ ଏ.ଆଇ. ବିକଶିତ କରିବାକୁ ଉଭୟ ଦେଶ ପ୍ରତିବଦ୍ଧ ବୋଲି ମତପ୍ରକାଶ ପାଇଛି।

Assembly

## ବିଧାନସଭା-୧

ରାଜ୍ୟର ୧୮ଟି ଜିଲ୍ଲାର ମୋଟ୍ ୪୭ ହଜାର ୫୨୦ ହେକ୍ଟର ଜମିରେ ଜୈବିକ ଚାଷ କରାଯାଉଛି ବୋଲି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଗୃହରେ କହିଛନ୍ତି। ସଦସ୍ୟ ସୁଧୀର ରଞ୍ଜନ ପାଟଯୋଶୀଙ୍କ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ସିଂହଦେଓ କହିଛନ୍ତି, ପରମ୍ପରାଗତ କୃଷି ଯୋଜନାରେ ୬ ହଜାର ୫୦୦ ହେକ୍ଟର, ଜାତୀୟ ପ୍ରାକୃତିକ କୃଷି ମିଶନରେ ୨୪ ହଜାର ୧୫୦ ହେକ୍ଟର, ବଳଭଦ୍ର ଜୈବିକ ଚାଷ ମିଶନ ଅନ୍ତର୍ଗତ ଅମୃତ ଅନ୍ନ ଯୋଜନାରେ ୨୭୦ ଏବଂ ଜୈବିକ ଚାଷର ପ୍ରଚାର ଓ ପ୍ରସାର ଜରିଆରେ ୧୬ ହଜାର ୬୦୦ ହେକ୍ଟର ଜମିରେ ଏହି ଚାଷ କରାଯାଉଛି। ଚାଷୀଙ୍କ ଆୟ ବଢ଼ାଇବା ପାଇଁ ଜୈବିକ ଉତ୍ପାଦନଗୁଡ଼ିକର ପ୍ରାଥମିକ ପ୍ରକ୍ରିୟାକରଣ ଏବଂ ମୂଲ୍ୟଯୁକ୍ତ କରାଯାଉଛି ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

Assembly

## ବିଧାନସଭା-୩

ଚଳିତ ବର୍ଷ ଧାନ ସଂଗ୍ରହ ପାଇଁ ରାଜ୍ୟରେ ମୋଟ ୩୯୪ ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ଦାୟିତ୍ୱ ଦିଆଯାଇଛି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଗୃହରେ ସୂଚନା ଦେଇଛନ୍ତି। ସଦସ୍ୟ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି, ୨୦୨୫-୨୬ ବର୍ଷରେ ଧାନସଂଗ୍ରହ ପାଇଁ ୨ ହଜାର ୭୭୭ ପାକ୍ସ ଓ ଲ୍ୟାମ୍ପ୍ସ, ୭ଟି ପାଣିପଞ୍ଚାୟତକୁ ଦାୟିତ୍ୱ ପ୍ରଦାନ କରାଯାଇଛି। ସେଥିମଧ୍ୟରୁ ସର୍ବାଧିକ ୧୩୩ଟି ସ୍ୱୟଂସହାୟକ ଗୋଷ୍ଠୀ ଗଞ୍ଜାମ ଜିଲ୍ଲାରେ ରହିଥିବା ଗୃହକୁ ଅବଗତ କରାଇଛନ୍ତି।

Desk

## ମନ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ରବିବାର ପୂର୍ବାହ୍ନ ୧୧ଟା ସମୟରେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ। ଏହା ମନ୍ କି ବାତ'ର ୧୩୧ ସଂସ୍କରଣ ହେବ। କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ କେନ୍ଦ୍ର, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ।

Desk

## ମାଟ୍ରିକ ପରୀକ୍ଷା

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ– ବି.ଏସ୍.ଇ. ପକ୍ଷରୁ ଆସନ୍ତାକାଲିଠାରୁ ୨୦୨୬ ବର୍ଷ ପାଇଁ ମାଟ୍ରିକ ପରୀକ୍ଷା ଆରମ୍ଭ ହେବ। ଏଥିଲାଗି ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଁଞ୍ଚିଛି। ଫେବୃଆରୀ ୧୦ ତାରିଖରେ ବିଭିନ୍ନ ନୋଡାଲ କେନ୍ଦ୍ରଗୁଡ଼ିକକୁ ପ୍ରଶ୍ନପତ୍ର ପଠାଯାଇଛି।

ଚଳିତ ବର୍ଷ ୫ ଲକ୍ଷ ୬୧ ହଜାର ୯୭୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବା ପାଇଁ ଫର୍ମପୂରଣ କରିଛନ୍ତି। ପରୀକ୍ଷା ଲାଗି ୩ ହଜାର ୮୨ଟି ପରୀକ୍ଷା କେନ୍ଦ୍ର କରାଯାଇଛି। ୩୩୨ଟି ନୋଡାଲ ସେଣ୍ଟରରେ ପ୍ରଶ୍ନପତ୍ର କଡ଼ା ସୁରକ୍ଷା ବଳୟ ମଧ୍ୟରେ ରଖାଯାଇଛି। ପ୍ରତିଟି ପରୀକ୍ଷା କେନ୍ଦ୍ରରେ ସିସିଟିଭି ବ୍ୟବସ୍ଥା ମଧ୍ୟ କରାଯାଇଛି। ପରୀକ୍ଷାକୁ ସୂଚାରୁରୂପେ ପରିଚାଳନା କରିବା ପାଇଁ ମାଧ୍ୟମିକ ଶିକ୍ଷା ପରିଷଦଠାରେ ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ଏହି କଣ୍ଟ୍ରୋଲ ରୁମ୍ ପରୀକ୍ଷା ଚାଲିଥିବା ବେଳେ କୃତ୍ରିମ ବୁଦ୍ଧିମତା ବା ଏ.ଆଇ. କ୍ୟାମେରା ମାଧ୍ୟମରେ ସମସ୍ତ ପ୍ରକାର ଯାଞ୍ଚ କରିବ ବୋଲି ମାଧ୍ୟମିକ ଶିକ୍ଷା ପରିଷଦ ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି।

Desk

## ସିଏଚ୍ଏସ୍ଇ

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ-ସିଏଚ୍ଏସ୍ଇ ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷା ବାର୍ଷିକ ପରୀକ୍ଷା ଆଜିଠାରୁ ଆରମ୍ଭ ହୋଇଛି। ଚଳିତଥର ୧ ହଜାର ୩୫୮ଟି ପରୀକ୍ଷା

କେନ୍ଦ୍ର ଏବଂ ୭ଟି ସବ୍‌ସେଣ୍ଟରରେ ପରୀକ୍ଷା ପରିଚାଳନା କରାଯାଇଛି। ଆସନ୍ତାମାସ ୨୮ ତାରିଖରେ ପରୀକ୍ଷା ଶେଷ ହେବ।

Desk

## ନବନିଯୁକ୍ତି ଯନ୍ତ୍ରୀଙ୍କ ତାଲିମ

ଆଧୁନିକ ଜ୍ଞାନକୌଶଳର ଉପଯୋଗ ଏବଂ ନିର୍ମାଣର ଗୁଣବତ୍ତାକୁ ଗୁରୁତ୍ୱ ଦେଇ ବିକଶିତ ଓଡ଼ିଶା ଗଠନ ଲକ୍ଷ୍ୟ ପୂରଣ ହୋଇପାରିବ ବୋଲି ଆଇନ ଓ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଭୁବନେଶ୍ୱରଠାରେ ଆଜି ନିର୍ମାଣ ବିଭାଗ ପକ୍ଷରୁ ଆୟୋଜିତ ନବନିଯୁକ୍ତ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ ତାଲିମ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ହରିଚନ୍ଦନ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶକ ଏବଂ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଓଡ଼ିଶା ଦ୍ରୁତ ପ୍ରଗତିପଥରେ ଅଗ୍ରସର ହେଉଛି। ରାଜ୍ୟରେ ବିଶ୍ୱସ୍ତରୀୟ ରାସ୍ତା ନିର୍ମାଣର ସରକାର ଲକ୍ଷ୍ୟ ରଖିଛନ୍ତି। ଆଗାମୀ ଦିନରେ ବିଭିନ୍ନ ରାସ୍ତାରେ ଭିଡ଼ ନିୟନ୍ତ୍ରଣ କରିବା ସହ ରାସ୍ତାଗୁଡ଼ିକୁ ନିୟମିତ ମରାମତି କରାଯାଇ ଖାଲମୁକ୍ତ କରାଯିବ। ଆଧୁନିକ ଜ୍ଞାନକୌଶଳ ଓ କୃତ୍ରିମ ବୁଦ୍ଧିମତାର ଯୁଗରେ ଉନ୍ନତ ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ଇଞ୍ଜିନିୟରମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏ ସମ୍ପର୍କରେ ଗଭୀର ଅଧ୍ୟୟନ ସହ ତାଲିମ କାର୍ଯ୍ୟକ୍ରମର ଜ୍ଞାନ ଆହରଣ କରି ନବନିଯୁକ୍ତି ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀମାନେ ରାଜ୍ୟର ବିକାଶ ଯାତ୍ରାରେ ସହଭାଗି ହୋଇପାରିବେ। ସାଧୁତା ଓ ସମୟାନୁବର୍ତ୍ତିତା ସହ କର୍ତ୍ତବ୍ୟ ନିର୍ବାହ କରିବାକୁ ମନ୍ତ୍ରୀ’ ଯନ୍ତ୍ରୀମାନଙ୍କୁ ପରାମର୍ଶ ଦେଇଛନ୍ତି।

Desk

## ସ୍କାଏୱାକ୍

ରାଜ୍ୟରେ ପଥଚାରୀଙ୍କ ସୁରକ୍ଷିତ ଯାତ୍ରାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ପଲାଶୁଣିରୁ ରସୁଲଗଡ଼ ପର୍ଯ୍ୟନ୍ତ ସ୍କାଏୱାକ୍ ନିର୍ମାଣ କରାଯିବ ବୋଲି ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ସୂଚନା ମିଳିଛି । ୨୦ କୋଟି ଟଙ୍କା ବ୍ୟୟରେ ଜାତୀୟ ରାଜପଥରେ ୫୦୦ ମିଟରର ସ୍କାଏୱାକ୍ ନିର୍ମାଣ କରାଯିବ ।

Koraput

## ଆନ୍ତର୍ଜାତୀୟ ମହିଳା କୃଷକ

କୋରାପୁଟ ଜିଲ୍ଲା ଜୟପୁରସ୍ଥିତ ଏମ୍.ଏସ୍.ସ୍ୱାମୀନାଥନ୍ ଗବେଷଣା ପ୍ରତିଷ୍ଠାନରେ ଆନ୍ତର୍ଜାତୀୟ ମହିଳା କୃଷକ ବର୍ଷ-୨୦୨୬ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବ୍ଲକର ବିଭିନ୍ନ ଗ୍ରାମରୁ ୧୦୦ ଜଣ ମହିଳା ଚାଷୀ ଏଥିରେ ଅଂଶଗ୍ରହଣ କରିଥିଲେ । ସରକାରଙ୍କ ୧୧୦ ପ୍ରକାର ପ୍ରକଳ୍ପ ମଧ୍ୟରୁ ବିଶେଷ କରି ମହିଳା ଚାଷୀଙ୍କୁ ପଞ୍ଜୀକରଣର ଗୁରୁତ୍ୱ, ପ୍ରକଳ୍ପରେ ଯୋଗଦାନ, କୃଷିବୀମା ସମ୍ପର୍କରେ ଜିଲ୍ଲା କୃଷି ଅଧିକାରୀ କାର୍ଯ୍ୟକ୍ରମରେ ଆଲୋଚନା କରିଥିଲେ ।

Kendrapara

## ମହିଳା ଆରୋଗ୍ୟ ସମିତି

କେନ୍ଦ୍ରାପଡ଼ା ଜିଲ୍ଲା ସଂସ୍କୃତି ଭବନଠାରେ ଜିଲ୍ଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି, ଜନଆରୋଗ୍ୟ ସମିତି ଏବଂ ମହିଳା ଆରୋଗ୍ୟ ସମିତି

ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ରଘୁରାମ ଆର୍.ଆୟାର ମୁଖ୍ୟ ଅତିଥିଭାବେ ଯୋଗଦେଇ ୨୦୨୫-୨୬ ପାଇଁ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ମହିଳାମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

Ganjam

## କର୍ମନିଯୁକ୍ତି ମେଳା

ଗଞ୍ଜାମ ଜିଲ୍ଲା ଚିକିଟିଗଡ଼ସ୍ଥିତ ମିନି ଷ୍ଟାଡିୟମ୍‌ଠାରେ ଆସନ୍ତା ୨୬ ତାରିଖ ଦିନ ଏକ କର୍ମନିଯୁକ୍ତି ମେଳା ଅନୁଷ୍ଠିତ ହେବ। ରାଜ୍ୟ ଦକ୍ଷତା ବିକାଶ ଓ ବୈଷୟିକ ତଥା ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଏହି ମେଳା ଅନୁଷ୍ଠିତ ହେବ। ମେଳାରେ ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ବେସରକାରୀ ନିଯୁକ୍ତି ସଂସ୍ଥା ଏବଂ ୧୦ରୁ ଊର୍ଦ୍ଧ୍ୱ ତାଲିମ ପ୍ରଦାନକାରୀ ସଂସ୍ଥା କର୍ମନିଯୁକ୍ତି ପ୍ରଦାନ କରିବେ।

Malkangiri

## ପ୍ରାଣୀ ସମ୍ପଦ ମେଳା

ମାଲକାନଗିରି ଜିଲ୍ଲା ଆଦିବାସୀ ପଡ଼ିଆଠାରେ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା-୨୦୨୬ ଆଜି ଉଦ୍‌ଯାପିତ ହୋଇଯାଇଛି। ଉତ୍ସବରେ ଜିଲ୍ଲାପାଳ ଦେବବର ପ୍ରଧାନ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଜିଲ୍ଲା ମତ୍ସ୍ୟ ଅଧିକାରୀ, କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ପରିଚାଳକ ପ୍ରମୁଖ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନାର ସୁବିନିଯୋଗ କରି ସେଥିରୁ ଲାଭବାନ ହେବାକୁ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ। ଜିଲ୍ଲାରେ ଖୁବ୍‌ଶୀଘ୍ର ଏକ ବୃହତ୍ ପ୍ରାଣୀ ପୁନଃ ଆବାସ କେନ୍ଦ୍ର

ପ୍ରତିଷ୍ଠା ହେବା ସହ ବାଲିମେଳା ସହରରେ  ଗୋଟିଏ ଲେଖାଏଁ ସ୍ୱତନ୍ତ୍ର ଗୋଶାଳା ମଧ୍ଯ ନିର୍ମାଣ କରାଯିବାକୁ ଯୋଜନା କରାଯାଇଛି ବୋଲି ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଗଗନ ଚରଣ ସ୍ୱାଇଁ କହିଛନ୍ତି ।